### ଶାହାଣ (Hemorhgic septicemia)

ଏହି ରୋଗ ହେଲେ ଛେଳିକୁ ଜ୍ୱର ଓ କାଶ ହୁଏ । ଗଳା ଫୁଲିଯାଏ । ପାଟିରୁ ଅନବରତ ଲାଳ ବାହାରେ । ତେଣୁ ବର୍ଷାରତୁ ପୂର୍ବରୁ ସମସ୍ତ ଛେଳି ମାନଙ୍କୁ ଶାହାଣ ରୋଗର ପ୍ରତିଷେଧକ ଟୀକା ଦେଲେ ଭଲ ।

## ଭୂତାଣୁଜନିତ ରୋଗ: (Viral Diseases)

### ଫାଟୁଆ (Foot and Mouth Disease)

ଏହି ରୋଗର ପ୍ରଥମ ଲକ୍ଷଣ ହେଲା ଶରୀରର ତାପମାତ୍ରା ବୃଦ୍ଧି ଓ ପାଟି ଓ ଖୁରାରେ ଫୋଟକା ହେବା, ଦୁଇ ତିନିଦିନ ମଧ୍ୟରେ ଫୋଟକାଗୁଡିକ ଫାଟି ଘା' ହୋଇଯାଏ । ପାଟିରୁ ଲାଳ ବହେ । ଏହି ରୋଗ ନ ହେବା ପାଇଁ ପ୍ରତିଷେଧକ ଟୀକା ତିନି ମାସରୁ ଉର୍ଦ୍ଧ୍ୱ ଛେଳିକୁ ବର୍ଷକୁ ଦୁଇଥର ଦେବା ଉଚିତ୍ ।

### ପି.ପି.ଆର. (Peste Des Petits Ruminants)

ଏହି ରୋଗ ସବୁ ବୟସର ଛେଳିଙ୍କୁ ଆକ୍ରାନ୍ତ କରିଥାଏ । ଏହି ରୋଗ ସୃଷ୍ଟିକାରୀ ଭୂତାଣୁ ଛେଳିର ନାକ ଓ ଆଖିରୁ ଝରୁଥିବା ପାଣି, ମଳ ଓ ମୂତ୍ର ଆଦିରେ ପ୍ରଚୁର ମାତ୍ରାରେ ଥାଏ । କାଶ ଓ ଜ୍ୱର ହୋଇ ମୁହଁ ଭିତରେ ଘା' ହୁଏ । ଏହି ରୋଗ ନହେବା ପାଇଁ ପି.ପି.ଆର. ପ୍ରତିଷେଧକ ଟୀକା ଛେଳିମାନଙ୍କୁ ୩ ମାସ ମଧ୍ୟରେ ଦେବା ଉଚିତ୍ । ଥରେ ଟୀକା ପ୍ରଦାନ କଲେ ଏହା ୩ ବର୍ଷ ପର୍ଯ୍ୟନ୍ତ ରୋଗ ପ୍ରତିରୋଧ କରେ । ଆ ିବାୟୋଟିକ୍ ଯଥା ସିପ୍ରୋଫ୍ଲୋକ୍ସାସିନ୍,ଏନରୋଫ୍ଲୋକ୍ସାସିନ୍, କ୍ଲକ୍ସାସିଲିନ୍ ଇତ୍ୟାଦି ଦ୍ୱାରା ଚିକିତ୍ସା କଲେ ସଂକ୍ରମିତ ଛେଳିଙ୍କ ମୃତ୍ୟୁହାର କମାଯାଇପାରେ ।

## କୃମିଜନିତ ରୋଗ (Parasitic Diseases)

### ଅନ୍ତଃକୃମି (Endoparasites)

ଗୋଲ କୃମି, ଫିତାକୃମି, ରକ୍ତଶୋଷଣକାରୀ କୃମିମାନ ଶରୀରରେ ରହି ଖାଦ୍ୟ ହଜମରେ ବାଧା ସୃଷ୍ଟି କରନ୍ତି ଓ ଶରୀରରୁ ରକ୍ତ ଶୋଷଣ କରନ୍ତି । ବର୍ଷକୁ ତିନିରୁ ଚାରିଥର କୃମିନାଶକ ଔଷଧ ଦେଇ ଛେଳିମାନଙ୍କୁ ଅନ୍ତଃକୃମିରୁ ରକ୍ଷା କରାଯାଇପାରିବ ।

### ବାହ୍ୟକୃମି (Ectoparasites)

ଟିଙ୍କ ଓ ଉକୁଣୀ ଦେହରେ ଲାଗିରହି ରକ୍ତ ପିଅନ୍ତି ଓ ତଦ୍ୱାରା ଛେଳିର ରକ୍ତହୀନତା ରୋଗ ହୁଏ । ପାଣିରେ କୀଟନାଶକ ଔଷଧ ମିଶାଇ ଛେଳିକୁ ସେହି ପାଣିରେ ବୁଡାଇ କୃମି ନାଶକ କରାଯାଇପାରେ । ଏହି ସମୟରେ ସାବଧାନ ହେବାକୁ ପଡିବ ଯେ, ତାର ମୁଣ୍ଡ ଯେପରି ପାଣିରେ ବୁଡିବ ନାହିଁ ।

## ଅର୍ଥନୈତିକ ଦିଗ

ଗୋଟିଏ ଛେଳିରୁ ବାର୍ଷିକ ହାରାହାରି ୧,୨୦୦ ଟଙ୍କା ଲାଭ ମିଳିଥାଏ । ଏଣୁ ଆମ ରାଜ୍ୟରେ ଆତ୍ମ ନିଯୁକ୍ତି ପାଇଁ ଗ୍ରାମା ଳରେ ଛେଳି ଚାଷ ଏକ ନିର୍ଭର ଯୋଗ୍ୟ ପଦକ୍ଷେପ ।



**ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ**
କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର, ବେଣାକୁନ୍ଦା
ପୋ: ଡିହପଡ଼ାଳ, ଭଞ୍ଜନଗର-୭୬୧୧୪୦

# ଦାରିଦ୍ର୍ୟ ଦୂରୀକରଣ ପାଇଁ ଗଞ୍ଜାମ ପ୍ରଜାତିର ଛେଳି ପାଳନ






**ବିଷୟବସ୍ତୁ :**
ଡ଼ଃ. ଶ୍ରୀମତୀ ସ୍ମୃତିରେଖା ମଲ୍ଲିକ
**ସଂପାଦନା**
ଡ଼ଃ. ସୁତନୁ କୁମାର୍ ଶତପଥୀ

**କୃଷି ବିଜ୍ଞାନ କେନ୍ଦ୍ର**
ଗଞ୍ଜାମ-୧, ଭଞ୍ଜନଗର, ବେଣାକୁନ୍ଦା, ପୋ: ଡିହପଡ଼ାଳ,
ଭଞ୍ଜନଗର, ପିନ୍ : ୭୬୧୧୪୦
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଆମ ରାଜ୍ୟରେ ପାଣିପାଗରେ ଅନିୟମିତତା ଚାଷୀକୁଳପାଇଁ ସମସ୍ୟା ସୃଷ୍ଟି କରୁଛି । ଚାଷ ଜମି ଉପରେ ନିର୍ଭର କରି ପରିବାର ଚଳେଇବା କଷ୍ଟ ସାଧ୍ୟ ହେଉଛି । ତେଣୁ ପଶୁପାଳନକୁ ଏକ ପେଷା ହିସାବରେ ଗ୍ରହଣ କରିବା ପାଇଁ ଚାଷୀ କୁଳ ବାଧ୍ୟ । ଜମିହୀନ ଓ ସ୍ୱଳ୍ପଜମି ଥିବା ଗ୍ରାମବାସୀ ପଶୁପାଳନକୁ ପ୍ରାଥମିକ ପେଷା କରି ମଧ୍ୟ ଆର୍ଥିକ ସ୍ଥିତିର ଉନ୍ନତି କରିପାରିବେ । ସାଧାରଣତଃ ଅନେକ ଲୋକ ସମ୍ବଳ ଅଭାବରୁ ଗାଈ, ମଇଁଷି ରଖି ପାରନ୍ତି ନାହିଁ । କିନ୍ତୁ ଛେଳି ପାଳନ ପାଇଁ କମ୍ ମୂଳଧନର ଆବଶ୍ୟକତା ଥିବାରୁ ଛେଳିମାଂସର ଅଧିକ ଚାହିଦା ଥିବାରୁ, ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ଏହା ମୁଖ୍ୟ ଭୂମିକା ଗ୍ରହଣ କରିପାରିବ । ବେକାର ଯୁବକ ଯୁବତୀମାନଙ୍କ ପାଇଁ ଛେଳି ପାଳନ ଆତ୍ମ ନିଯୁକ୍ତିର ଏକ ସରଳ ଉପାୟ । ଛେଳିର ଗୁହାଳ ତିଆରି ଓ ଖାଦ୍ୟ ପାଇଁ ବିଶେଷ ଖର୍ଚ୍ଚ ଲାଗେ ନାହିଁ । ଏମାନେ ଗାଈଗୋରୁଙ୍କ ତୁଳନାରେ କମ୍ ରୋଗରେ ପଡନ୍ତି ।

## ଛେଳିର କିସମ

ଆମ ଦେଶରେ କୋଡିଏ କିସମର ଛେଳି ଦେଖାଯାନ୍ତି ।ସେମାନଙ୍କ ମଧ୍ୟରୁ କେତେକ ମାଂସ ପାଇଁ, କେତେକ ଉଭୟ ମାଂସ ଓ ଦୁଗ୍ଧ ପାଇଁ ଓ କେତେକ ଲୋମ ପାଇଁ ମଧ୍ୟ ପାଳନ କରାଯାଏ । ଆମ ରାଜ୍ୟ ଓଡିଶାରେ ମୁଖ୍ୟତଃ ତିନି କିସମର ଛେଳି ଦେଖାଯାନ୍ତି । ଯଥା- ବ୍ଲାକ୍ ବେଙ୍ଗଲ, ଗଞ୍ଜାମ ଓ ଘୁମୁସରୀ । ଏମାନେ ମୁଖ୍ୟତଃ ମାଂସ ନିମନ୍ତେ ପ୍ରସିଦ୍ଧ ।

## ଗଞ୍ଜାମ ଛେଳି

ଆମ ଜିଲ୍ଲା ପାଇଁ ଗଞ୍ଜାମ ଛେଳି ଏକ ଉପଯୁକ୍ତ ପ୍ରଜାତି । ଗଞ୍ଜାମ ପ୍ରଜାତିର ଛେଳି ମୁଖ୍ୟତଃ ଗଞ୍ଜାମ, ଗଜପତି, ନୟାଗଡ, ରାୟଗଡା ଓ କୋରାପୁଟ ଆଦି ଜିଲ୍ଲାରେ ଦେଖାଯାଆନ୍ତି ।

## ବିଶେଷତ୍ୱ

ଏମାନେ ସାଧାରଣତଃ ବାଦାମୀ, କଳା, କସରା ଏବଂ ମିଶ୍ରିତ ରଙ୍ଗର । ଏହି ପ୍ରଜାତିର ଛେଳି ମାନଙ୍କ ଦୃଢ ଶରୀର, ଡେଙ୍ଗା ଆକୃତି, ଶିଙ୍ଗ ଲମ୍ବା ଓ ପଛ ଆଡକୁ ସମାନ୍ତରାଳ ଭାବେ ଉପରକୁ ଉଠିଥାଏ ଓ ବୋଦାର ଦାଢି ଥାଏ । ଏହା ମଧ୍ୟମ ଦୁଗ୍ଧ (ଦୈନିକ ୨୫୦-୩୦୦ ଗ୍ରାମ) ପ୍ରଦାନ କାରି ଏବଂ ମୁଖ୍ୟତଃ ମାଂସ ପାଇଁ ପାଳନ କରାଯାଇଥାଏ । ବୟସ୍କ ଛେଳିର ଓଜନ ୧୮ରୁ ୨୨ କି.ଗ୍ରା. ହୋଇଥାଏ । ମାଈ ଛେଳି ୧୧ମାସରେ ଥରେ ଓ ଥରକୁ ହାରାହାରି ଗୋଟିଏ ଛୁଆ ଜନ୍ମ କରିଥାଏ ।

## ବାସଗୃହ

ଆମ ଜଳବାୟୁରେ ବାସଗୃହର ଲମ୍ବ ପୂର୍ବ-ପଶ୍ଚିମ ଦିଗ ହେବା ଉଚିତ । ବୟସ୍କ ମାଈ ଛେଳି ପିଛା ୧୨ ବର୍ଗ ଫୁଟ ବୋଦା ପିଛା ୩୦ ବର୍ଗଫୁଟ ଓ ଛୁଆ ମାନଙ୍କ ପାଇଁ ୬ ବର୍ଗ ଫୁଟ ଚଟାଣ ଜାଗା ଆବଶ୍ୟକ । ଘରେ ଚଟାଣ ଉପରେ ୨ ଫୁଟ ଉଚ୍ଚରେ ବାଉଁଶ ଭାଡି ତିଆରି କରି ଛେଳି ମାନଙ୍କୁ ଶୁଖିଲାରେ ରଖିବା ଉଚିତ । ଘରର ଛାତ ଆଜବେଷ୍ଟସ କିମ୍ବା ଟିଣ ଅପେକ୍ଷା ଚାଳ ଛପର ହେଲେ ଖର୍ଚ୍ଚ କମ୍ ହୁଏ ଏବଂ ଘର ଖରା ଦିନେ ଥଣ୍ଡା ରୁହେ ।

## ଛେଳିର ଖାଦ୍ୟ

ପାଖ ଅ ଳରେ ମିଳୁଥିବା ବର, ଅଶ୍ୱତଥ, ସୁବାବୁଲ, ଆମ୍ବ, ପଣଷ, ବିଲାତିକଇଁଆ, ମହାନିମ୍ବ, ତେନ୍ତୁଳି, ବରକୋଳି, କେ ଇକୋଳି ଇତ୍ୟାଦି ଗଛର ପତ୍ର ଛେଳି ପାଇଁ ଉପଯୁକ୍ତ ତନ୍ତୁ ଜାତୀୟ ଖାଦ୍ୟ । ଅଧିକ ସଂଖ୍ୟକ ଛେଳି ରଖିଲେ ବର୍ଷାଦିନେ ବରଗୁଡି, ମକା ଓ ଶୀତ ଦିନେ ବରସିମ୍ ଘାସଚାଷ କରି ଛେଳିକୁ ଦିଆଯାଏ । ଘାସ ଓ ଡାଳପତ୍ରର ଅଭାବ ସମୟରେ ଛେଳିକୁ ଦାନା ଦେବାର ଆବଶ୍ୟକତା ପଡିଥାଏ । ଏଥି ନିମନ୍ତେ ୫୦ ଭାଗ ମକା, ୨୦ ଭାଗ ଚିନାବାଦାମ୍ ପିଡିଆ, ୨୦ ଭାଗ କୁଣ୍ଡା, ୭ ଭାଗ ଗୁଡ, ୨ ଭାଗ ଖଣିଜ ଲବଣ ଓ ୧ ଭାଗ ଖାଇବା ଲୁଣ ମିଶାଇ ଏକ ସୁଷମ ଛେଳି ଦାନା ପ୍ରସ୍ତୁତ କରାଯାଇପାରିବ ।

## ଛେଳିର ପ୍ରଜନନ

ସାଧାରଣତଃ ଜୁଲାଇରୁ ସେପ୍ଟେମ୍ବର ଏବଂ ଫେବୃୟାରୀ ରୁ ମାର୍ଚ୍ଚ ମଧ୍ୟରେ ଛେଳି ଗରମ ଆସନ୍ତି । ଏମାନେ ୨ ଦିନ ଗରମରେ ରହନ୍ତି ଓ ଗର୍ଭ ନ ରହିଲେ ୧୯ ରୁ ୨୧ ଦିନ ପରେ ପୁଣି ଗରମ ଆସନ୍ତି । ପ୍ରତି ୨୦ ଟି ମାଈ ଛେଳି ପିଛା ଗୋଟିଏ ବୋଦା ଗୋଠରେ ରହିବା ଉଚିତ । ପ୍ରତି ୨ ବର୍ଷରେ ବୋଦା ବଦଳ ହେବା ଓ କମ୍ ପ୍ରଜନନ କ୍ଷମତାଥିବା ୧୦ ଭାଗ ଛେଳି ପ୍ରତି ବର୍ଷ ବଦଳାଇବା ଆବଶ୍ୟକ ।

## ଛେଳିମାନଙ୍କ ରୋଗ

### ବୀଜାଣୁଜନିତ ରୋଗ (Bacterial Diseases)

#### ଏ ।ରୋ ଟକ୍ସିମିଆ (Enterotoxaemia)

ଏହି ରୋଗରେ ଛେଳିର ମୃତ୍ୟୁହାର ୫୦% ରୁ ୬୦% ପର୍ଯ୍ୟନ୍ତ ହୁଏ । ଏହା ଛେଳି ଛୁଆଙ୍କୁ ବେଶି ଆକ୍ରାନ୍ତ କରିଥାଏ । ତେଣୁ ବର୍ଷା ଋତୁରେ ଛେଳିମାନଙ୍କୁ ଏ ।ରୋ ଟକ୍ସିମିଆ ରୋଗର ପ୍ରତିଷେଧକ ଟୀକା ଦେବା ଉଚିତ୍ ।